# ରାଷ୍ଟ୍ରୀୟ ଲୋକ ଅଦାଲତରେ ୧୦,୦୦୦ ମାମଲା ଫଇସଲା

**କଟକ ଅଫିସ,୮।୨**

ରାଜ୍ୟର ବିଭିନ୍ନ ତାଲୁକ ଏବଂ ଜିଲାସ୍ତରରେ ଶନିବାର ଚଳିତବର୍ଷର ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ ୯୯,୩୭୪ଟି ମାମଲା ବିଚାର ପାଇଁ ଆସିଥିବାବେଳେ ସେଥିମଧ୍ୟରୁ ୧୦,୧୦୨ଟି ମାମଲା ଆପୋଷ ସମାଧାନ କରାଯାଇଛି। କ୍ଷତିପୂରଣ ବାବଦରେ ୫୫କୋଟି ୯୮ଲକ୍ଷ ୯୨ହଜାର ୬୯୦ଟଙ୍କା କ୍ଷତିପୂରଣ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ପ୍ରାକ୍ ବିବାଦ ସମ୍ପର୍କିତ ୫୨,୭୪୬ଟି ମାମଲାର ଶୁଣାଣି ପାଇଁ ଗ୍ରହଣ କରାଯାଇଥିବାବେଳେ ସେଥିମଧ୍ୟରୁ ୨୭୩୮ଟି ସମାଧାନ ହୋଇଛି। ବ୍ୟାଙ୍କ ରିକଭରି ସମ୍ପର୍କିତ ୫୧,୮୧୬ ମାମଲାରୁ ୨୫୫୫ଟି ଫଇସଲା କରାଯାଇ ୧୦ କୋଟି ୩୮ ଲକ୍ଷ ୩୮୬୬ଟଙ୍କା କ୍ଷତିପୂରଣ ବାବଦରେ ଦେବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ସେହିପରି ବିଦ୍ୟୁତ୍ ସଂକ୍ରାନ୍ତୀୟ ୧୧ଟି ମାମଲାରୁ ଗୋଟିଏର ସମାଧାନ କରାଯାଇ କ୍ଷତିପୂରଣ ବାବଦରୁ ୧ଲକ୍ଷ ୫୯ହଜାର ୭୨୦ଟଙ୍କା ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ପାଣି ବିଲ୍ ସଂକ୍ରାନ୍ତୀୟ ୭୦ଟି ମାମଲାରୁ ୬ଟି ସମାଧାନ କରାଯାଇ କ୍ଷତିପୂରଣ ବାବଦରୁ ୨ଲକ୍ଷ ୪ହଜାର ୭୫୨ ଆଦାୟ ହୋଇଛି। ଫୌଜଦାରି ବିବାଦ ସମ୍ପର୍କିତ ୮୪୯ଟି ମାମଲାରୁ ୧୭୬ଟି ସମାଧାନ ହୋଇଥିବାବେଳେ ୨୦ଲକ୍ଷ ୯୦ହଜାର ୨୯୨ଟଙ୍କା କ୍ଷତିପୂରଣ ବାବଦରେ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ପଡ଼ିରହିଥିବା ମାମଲା ବା ପେଣ୍ଡିଂ କେସ୍ ୪୫, ୭୮୬ଟି ଗ୍ରହଣ କରାଯାଇଥିଲା। ସେଥିମଧ୍ୟରୁ ୭୨୬୬ ମାମଲାର ସମାଧାନ କରାଯାଇ କ୍ଷତିପୂରଣ ବାବଦରେ ୪୦କୋଟି ୭୪ଲକ୍ଷ ୬୦ ଟଙ୍କା କ୍ଷତିପୂରଣ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଥିବା ରାଜ୍ୟ ଆଇନ ସେବା ପ୍ରାଧିକରଣ ସଦସ୍ୟ ସଚିବ ମୀନାକ୍ଷୀ ଦାସ ସୂଚନା ଦେଇଛନ୍ତି।

ଅନ୍ୟପକ୍ଷରେ ହାଇକୋର୍ଟରେ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୮୪୧ଟି ମାମଲା ବିଚାର ପାଇଁ ଗ୍ରହଣ କରାଯାଇଥିଲା। ସେଥିମଧ୍ୟରୁ ୯୮ଟିର ସମାଧାନ କରାଯାଇ ୪ କୋଟି ୭୨ ଲକ୍ଷ ୩୪ ହଜାର ଟଙ୍କା କ୍ଷତିପୂରଣ ପ୍ରଦାନ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ହାଇକୋର୍ଟ କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ସଞ୍ଜୁ ପଣ୍ଡା, ହାଇକୋର୍ଟ ଆଇନସେବା କମିଟି ଅଧ୍ୟକ୍ଷ ଜଷ୍ଟିସ ବି.ଆର.ଦାଶଙ୍କ ମାର୍ଗଦର୍ଶନରେ ଏହି ଲୋକ ଅଦାଲତ ଅନୁଷ୍ଠିତ ହୋଇଥିଲା। ଏଥିରେ ଜଷ୍ଟିସ ସଙ୍ଗମ କୁମାର ସାହୁ, କେ.ଆର. ମହାପାତ୍ର, ବିଶ୍ୱନାଥ ରଥ, ଅକ୍ଷୟ ମିଶ୍ର, ସଞ୍ଜୟ କୁମାର ମିଶ୍ର, ଜଷ୍ଟିସ ବିଶ୍ୱ ପ୍ରସାଦ ରାଉତରାୟ ପ୍ରମୁଖ ମାମଲାର ଫଇସଲା କରିଥିଲେ। ଆଇନସେବା ପ୍ରାଧିକରଣ ସଦସ୍ୟ ସଚିବ ମୀନାକ୍ଷୀ ଦାସ, ଉପସଚିବ ଦୀପକ ରଞ୍ଜନ ସାହୁ, ସହ ସଚିବ ରୁଦ୍ର ପ୍ରକାଶ ନାୟକ, ସଂସ୍ଥା ଅଧିକାରୀ କମଳାକାନ୍ତ କରଙ୍କ ସମେତ ଜିଲା ଏବଂ ତାଲୁକା ସ୍ତରର ବିଚାର ବିଭାଗ ଅଧିକାରୀମାନେ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

**୫୫କୋଟି ୯୮ଲକ୍ଷ ୯୨ହଜାର କ୍ଷତିପୂରଣ ନିର୍ଦ୍ଦେଶ**


ଓଡ଼ିଶା ହାଇକୋର୍ଟରେ ଅନୁଷ୍ଠିତ ଜାତୀୟ ଲୋକ ଅଦାଲତ।